# ସହି ହେଉନି ଖରା; ଛାଇ ପାଇଁ ଅସ୍ତବ୍ୟସ୍ତ

## ପାଣି ଟୋପେ ପିଇବାକୁ ଜଳଛତ୍ର ଖୋଜୁଛନ୍ତି ଲୋକ

ବଲାଙ୍ଗିର,୧୧।୪(ସମିସ)



ବଲାଙ୍ଗିରରେ ଅଗ୍ନିବର୍ଷା ଆରମ୍ଭ ହୋଇଛି। ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବଢ଼ିଛି। ଟାଣ ଖରାରେ ଜିଲ୍ଲାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାରଦ ଦିନକୁ ଦିନ ବଢୁଛି। ଆହୁରି ତାପମାତ୍ରା ବଢ଼ିବ। ଏହାର ପ୍ରଭାବରେ ଏବେ ସକାଳ ପ୍ରାୟ ୧୧ଟା ପରେ ସହର ଖାଲି ପଡୁଛି। ସଂଧ୍ୟା ପୂର୍ବରୁ ବଜାରରେ ଭିଡ ମଧ୍ୟ ଦେଖିବାକୁ ମିଳୁନାହିଁ। ଖରାକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। କିଛି ସ୍ଥାନରେ ଜଳଛତ୍ର ଖୋଲଛି। ଅନେକ ସ୍ଥାନରେ ଏହା ଆରମ୍ଭ ହୋଇନି। ଏହା ସହିତ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ କରାଯାଉଥିବା ସଚେତନତା ଠିକ ଭାବେ କାର୍ଯ୍ୟକାରୀ କରାଯାଉନି।

ବଲାଙ୍ଗିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଉତ୍ତାପ ବୃଦ୍ଧି ପାଇଛି। ଜିଲ୍ଲାର ଦୁଇ ପ୍ରମୁଖ ସହର ବଲାଙ୍ଗିର, ଟିଟିଲାଗଡ ସହ ଅନ୍ୟ ଅଞ୍ଚଳରେ ତାପମାତ୍ର ୪୦ ଡିଗ୍ରୀ ଛୁଇଁସାରିଛି। ଟାଣ ଖରା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଖରାରେ ବିଶେଷ କରି ବଲାଙ୍ଗିର ସହରରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସହରରେ ପୌର ପ୍ରଶାସନ ପକ୍ଷରୁ ଖୋଲାଯାଉଥିବା ଜଳଛତ୍ର ଏପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରେ ଆରମ୍ଭ ହୋଇନାହିଁ। କିଛି ଦିନ ତଳେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବାହାରେ ଏକ ଆଦର୍ଶ ଜଳଛତ୍ର ଖୋଲାଯାଇଛି; କିନ୍ତୁ ଅନ୍ୟ ସ୍ଥାନରେ ଆରମ୍ଭ ହୋଇନି। ସେହିପରି ଟାର ଖରାରେ କ'ଣ କ'ଣ ପ୍ରତିଷେଧକ ବ୍ୟବସ୍ଥା କରାଯିବା କଥା ସେନେଇ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଥାଏ; କିନ୍ତୁ ଚଳିତ ବର୍ଷ ତାହା ମଧ୍ୟ ଠିକ ଭାବେ ଆରମ୍ଭ ହୋଇନି। ଏହି ମୁଣ୍ଡଫଟା ଖରାରେ ବିଭିନ୍ନ ସ୍ଥାନରେ ଶ୍ରମିକମାନେ ଦ୍ୱିପହର ପର୍ଯ୍ୟନ୍ତ କାମ କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସରକାରୀ କାମରେ ଏହି ଶ୍ରମିକମାନେ ଖରାରେ କାମ କରୁଛନ୍ତି। ସେମାନଙ୍କ ପାଇଁ ଛାଇ କିମ୍ବା ପାଣିର ବ୍ୟବସ୍ଥା କରାଯାଉନି। ଏନେଇ ସରକାରଙ୍କ ପକ୍ଷରୁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ତାହାକୁ ମଧ୍ୟ ଅଣଦେଖା କରାଯାଉଛି। ଅଥଚ ଶ୍ରମ ବିଭାଗ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ବିଶେଷ କରି ସହରରେ ଏବେ ଟାଣ ଖରାରେ ଲୋକଙ୍କ ପାଇଁ ସମସ୍ୟା ସାଜିଛି ଟ୍ରାଫିକ ବ୍ୟବସ୍ଥା। ସହରର ପାଟନା ହୋଟେଲ ଛକ, କଚେରୀ ଛକ ଓ ଭାଗୀରଥି ଛକଠାରେ ଥିବା ଟ୍ରାଫିକ ପୋଷ୍ଟରେ କୌଣସି ଛାଇ ବ୍ୟବସ୍ଥା କରାଯାଇନାହିଁ। ସେହିପରି ଭାଗୀରଥି ଛକରେ ସ୍ୱୟଂଚାଳିତ ଟ୍ରାଫିକରେ ରାସ୍ତାରେ ଭିଡ ନ ଥିବା ସତ୍ତ୍ୱେ ବହୁ ସମୟ ଧରି



ଯାତାୟାତ କରୁଥିବା ଲୋକେ ଟ୍ରାଫିକ ସିଗନାଲକୁ ଅପେକ୍ଷା କରି ରହୁଛନ୍ତି। ସ୍ୱୟଂଚାଳିତ ଟ୍ରାଫିକ ଯୋଗୁଁ ବହୁ ସମୟ ଧରି ଏତେ ଖରାରେ ଅପେକ୍ଷା କରିବା ଏବେ ସମସ୍ତଙ୍କ ପାଇଁ କଷ୍ଟଦାୟକ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବସ୍‌ରେ ଯାତାୟାତ କରୁଥିବା ଲୋକେ ମଧ୍ୟ ଏହି ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବେସରକାରୀ ଓ ସରକାରୀ ବସଷ୍ଟାଣ୍ଡ ସ୍ଥାନାନ୍ତର ହେବା ପରେ ବିଭିନ୍ନ ଛକରେ ଯାତ୍ରୀ ବସ୍‌କୁ ଅପେକ୍ଷା କରୁଛନ୍ତି। ଏତେ ବଡ ସହରରେ ଆବଶ୍ୟକ ମୁତାବକ ବସଷ୍ଟପ୍ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯେଉଁ କିଛି ସ୍ଥାନରେ ବସଷ୍ଟପ ରହିଛି ତାହା

### ପ୍ରଶାସନିକ ପ୍ରସ୍ତୁତିକୁ ନେଇ ପ୍ରଶ୍ନ

ମଧ୍ୟ ଠିକ ଭାବେ ବ୍ୟବହାର ହେଉନାହିଁ। ସେହିପରି ବସ୍ ଚଳାଚଳ କରିବା ପାଇଁ ପୂର୍ବ ବର୍ଷରେ ସମୟ ନିର୍ଦ୍ଧାରଣ କରାଯାଉଥିବା ବେଳେ ଏବର୍ଷ ତାହା ମଧ୍ୟ ହୋଇନାହିଁ। ଏପରିକି ବସରେ ପାନୀୟ ଜଳ ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକେ ଯାତାୟାତ ପାଇଁ ପାଣି ବୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହିଭଳି ଭାବେ ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହରେ ବଲାଙ୍ଗିରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ପ୍ରଶାସନ ଓ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଚଟୁଅନକା ପିଏମ୍‌ଶ୍ରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




କଣ୍ଟାବାଞ୍ଜି,୧୧।୪(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପିଏମଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ଜଗବନ୍ଧୁ ମାଝୀ, ବକ୍ତା ଭାବେ ହିଆଁଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡି, ତୁରେକେଲା ବ୍ଲକ୍ କ୍ରୀଡ଼ା ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ପରିଚାଳନା କମିଟି ସଭାପତି ସହଦେବ ପନିକା, ଖେଳ ଶିକ୍ଷକ ଉପେନ୍ଦ୍ର ଚନ୍ଦନ ଯୋଗ ଦେଇଥିଲେ। ସମସ୍ତଙ୍କ ପାଇଁ ଶାରୀରିକ ସୁସ୍ଥତା ଅତ୍ୟନ୍ତ ଜରୁରୀ। କ୍ରୀଡ଼ା ହେଉଛି ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବାର ମାଧ୍ୟମ ବୋଲି ଅତିଥିମାନେ ମତ ଦେଇଥିଲେ। ଖେଳ ଶିକ୍ଷକ ରାଜେନ୍ଦ୍ର ସେଠ ଛାତ୍ରଛାତ୍ରୀଙ୍କୁ ଖେଳାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁଚି, ଲମ୍ଫଡିଆଁ, ଗୋଳାଫିଙ୍ଗା, ଦୌଡ, ବେଙ୍ଗଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ୱେତା ବାଗ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ ରାଉତ, ପୁଷ୍ପାଞ୍ଜଳି ମହାପାତ୍ର, ବୈଜୟନ୍ତୀ ପାଢୀ, ପଦ୍ମାବତୀ ସାହୁ, ସୁରେଶ ବେହେରା, ପ୍ରବୀଣ ନାୟକ, ସୁଜାତା ଶବର, ତପସ୍ୱୀନି ମାଝୀ, ସରୋଜ ବରିହା, ସୁମିତ୍ରା ମାଝୀ ସହଯୋଗ କରିଥିଲେ।

## ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



କଣ୍ଟାବାଞ୍ଜି,୧୧।୪(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିସ୍ଥିତ ହରିଭବନଠାରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ବଲାଙ୍ଗୀର ଜିଲ୍ଲା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ କମ୍ରେଡ୍ ଗୋପାଳ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କାର୍ଯ୍ୟକାରୀ ସଦସ୍ୟ ଓ ନିର୍ମାଣ ଶ୍ରମିକ ସଂଘର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ସଭାରେ ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ବ୍ରଜବନ୍ଧୁ ପ୍ରଧାନ, ପଶ୍ଚିମାଞ୍ଚଳ ସମ୍ପାଦକ କମ୍ରେଡ୍ ଏନ୍. ଗୋପାଳ, ଜାତୀୟ ଫେଡେରେସନ କାଉନସିଲର ସଦସ୍ୟ ପାଣ୍ଡବ ଭୋଇ ପ୍ରମୁଖ ନେତୃବର୍ଗ ନିର୍ମାଣ ଶ୍ରମିକ ସଂଗଠନର ଅଭିବୃଦ୍ଧି ଓ ଶ୍ରମିକମାନଙ୍କ ଅଧିକାର ସମ୍ବନ୍ଧରେ ସଦସ୍ୟମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସୁଦାମ ଚରଣ ଭୋଇ ସମସ୍ତ ସଦସ୍ୟଙ୍କୁ ଆହ୍ୱାନ କରି କହିଥିଲେ ଯେ, ନିର୍ମାଣ ଶ୍ରମିକମାନେ ଯେଉଁ ସମସ୍ତ ଅଧିକାରରୁ ବଞ୍ଚିତ ହେଉଛନ୍ତି ସେଗୁଡିକୁ ଆନ୍ଦୋଳନ ମାଧ୍ୟମରେ କିପରି ହାସଲ କରାଯାଇପାରିବ ସେଥିପାଇଁ ଠିକ୍ ରଣନୀତି ତିଆରି କରିବା ଆବଶ୍ୟକ। ସରିତା ଷଡ଼ଙ୍ଗୀ, କୋଲେଶ୍ୱରୀ ନାଗ, ଆଶା ଭୋଇ, ଅର୍ଜୁନ ଖର୍ସେଲ, ଦୁଲା ପୁଟେଲ, ଯଶୋବନ୍ତ ରଣା, ରସିକ ରଣା, ପଦ୍ମଲୋଚନ ବରିହା ପ୍ରମୁଖ ନେତୃବର୍ଗ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଅଧିକରୁ ଅଧିକ ଶ୍ରମିକଙ୍କୁ ପଞ୍ଜୀକୃତ କରି ସରକାରୀ ସହାୟତାରୁ ବଞ୍ଚିତ ନ ହେବା ପାଇଁ ପଦକ୍ଷେପ ନିଆଯିବା ଉଚିତ ବୋଲି ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବଲାଙ୍ଗୀର ଜିଲ୍ଲା କମିଟିର କାର୍ଯ୍ୟାଳୟ ସଚିବ କମଳ ଭୋଇ ସମସ୍ତଙ୍କୁ ସଚେତନ କରି କହିଥିଲେ।

## ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ

ବଲାଙ୍ଗିର,୧୧।୪(ସମିସ): ସ୍ଥାନୀୟ ଯାଦବ ଭବନରେ ମହାନ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ପାଳିତ ହୋଇଛି। ପଶ୍ଚିମ ଓଡିଶା ମହିଳା ସଂଗଠନ ତରଫରୁ ପାଳିତ ଜୟନ୍ତୀରେ ସଂଗଠନର ସଭାନେତ୍ରୀ ସବିତା ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭବେ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ କୌତୁକ କନ୍ଦର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଆଇନଜୀବୀ ଟଙ୍କଧର ଗଡତ୍ୟା, ସମ୍ମାନିତ ଅତିଥି ଭାବେ ବୁଦ୍ଧିଜୀବୀ ଦଣ୍ଡୁଆ କୁମ୍ଭାର, ଅର୍ଜୁନ ମୁଗ୍ରୀ, ଜଗଦୀଶ ବୁନ୍ଧ, ରମାକାନ୍ତ ସୁନା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସୀତାରାମ କୁମ୍ଭାର ଓ କୁନା ବାଗ ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟୋତିରାଓ ଫୁଲେ ସମାଜରେ ସଂସ୍କାର ଆଣିବା ସହିତ ନାରୀ ଶିକ୍ଷା ଓ ନାରୀ ସଶକ୍ତି ଉପରେ ଅତୁଳନୀୟ କାମ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଫୁଲେଙ୍କ ଦର୍ଶନକୁ ବାବା ସାହେବ ଆମ୍ବେଦକର ସମ୍ବିଧାନରେ ମଧ୍ୟ ସ୍ଥାନୀତ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଶେଷରେ ସବିତା ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଧାନ ଶିକ୍ଷକଙ୍କୁ ଟଙ୍କା ମାଗି ଜଣେ ଗିରଫ

ଖପ୍ରାଖୋଲ,୧୧।୪ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ପଡିଆବାହାଲ ପଞ୍ଚାୟତ କନଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଡରାଇ ଟଙ୍କା ଆଦାୟ ଅଭିଯୋଗରେ ଖପ୍ରାଖୋଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଜନାବ ଖାନ୍। ଏଥିରେ ଜଡିତ କଞ୍ଜର ମୁନା, ଚନ୍ଦ୍ର ବରିହା ଓ ଘନଶ୍ୟାମ ନାଗ ଫେରାର ଅଛନ୍ତି

### ୩ ଫେରାର

ବୋଲି ପୁଲିସ କହିଛି ଏମାନେ ନିଜକୁ ଗଣମାଧ୍ୟମର ପ୍ରତିନିଧି ବୋଲି ପରିଚୟ ଦେଇ ପ୍ରଧାନ ଶିକ୍ଷକ ରାଜକୁମାର ମହରାଙ୍କୁ ଧମକ ଚମକ ଦେଇଥିଲେ। ଚାକିରିରୁ ନିଲମ୍ବନ କରାଇଦେବାକୁ ଧମକ ଦେଇ ୧ ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ଡରିଯାଇ ଶ୍ରୀ ମହରା ସେମାନଙ୍କୁ ୩୦ ହଜାର ଟଙ୍କା ଫୋନ ପେ କରିଥିଲେ। ଏ ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଜଣେ ଗିରଫ ହୋଇଛି। ଆଉ ୩ ଜଣକୁ ତୁରନ୍ତ ଧରାଯିବ। ପୁଲିସ ସେମାନଙ୍କୁ ଖୋଜୁଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚାନା ଦେଇଛନ୍ତି।

## କଣ୍ଟାବାଞ୍ଜି କେଭି କଲେଜରେ ରକ୍ତଦାନ ଶିବିର

କଣ୍ଟାବାଞ୍ଜି,୧୧।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର, ପ୍ରସାର ପାଇଁ ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ କେ. ଭି କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ, ରେଡ ରିବନ କ୍ଲବ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ଆୟୋଜିତ ଏହି ଶିବିରକୁ ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଯୁକ୍ତ ଦୁଇ ଇନଚାର୍ଜ ରାଜେଶ ମହାନ୍ତି, ଯୁବ ରେଡକ୍ରସର ସଂଯୋଜକ ରୋହିତ କିଶୋର କୁମ୍ଭାର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କେୟାର ଟେକର ଉମେଶ ବାଗ, ପ୍ରଭାସିନୀ ରାଉତରାୟ, ଯଶୋବନ୍ତ ନାରାୟଣ ମିଶ୍ର, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠିତ ସଭାରେ ରକ୍ତଦାନର ଉପକାରିତା ଓ ତାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି ଶିବିରରେ ମୋଟ ୨୭ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟର ଲ୍ୟାବ ଟେକ୍ନିସିଏଣ୍ଟ ବୁଲା ସାମଲ,



ଯୁଗଳ କିଶୋର ପ୍ରଧାନ, ଅଜୟ କୁମ୍ଭାର, ରୁଦ୍ରମଣୀ ଭୋଇ, କିଶୋର ମହାପାତ୍ର, ଅବିନାଶ ଭୋଇ ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡ କ୍ରସ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ଜ୍ଞାନବିକାଶ ଧରୁଆ, ରୋଜି ମେହେର, ମଥୁରା ମାଝୀ ସୌମ୍ୟରଂଜନ ତ୍ରିପାଠୀ, ମଧୁ ମେହେର, ଜ୍ଞାନ ବିକାଶ ଧାରୁଆ, ସଦାନନ୍ଦ କେତକୀ, ବିକ୍ରମ ବାଗ, ଦାମିନୀ ପୁଟେଲ, ଅଧ୍ୟାପିକା ବବିତା ଦେବଦର୍ଶିନୀ ସୁଚିତ୍ରା ବେହେରା, ସନ୍ଧ୍ୟା ବେହେରା, ଉର୍ମିଳା ସାହୁ ଓ କର୍ମଚାରୀ ସହଯୋଗ କରିଥିଲେ। ମଧୁସ୍ମିତା ସାହୁ, କୃଷ୍ଣ ମେହେର, ଅନ୍ନପୂର୍ଣ୍ଣା ପଣ୍ଡା, ରୁହିତାଶ ବେହେରା, ଆଶୀର୍ବାଦ ଅଗ୍ରୱାଲ, ଡାକମାନ ମାଝୀ, ମନିଶା ତୁରିଆ, ସୁନିତା ମାଝୀ, ଶୋଭନ ମହାନ୍ତି, ପୁରନ ବେହେରା, ପରମେଶ୍ୱର ବଏ, ବବଲୀ କୁମ୍ଭାର, ଦୀନେଶ ପଧାନ, କୁବେର ବେହେରା, ଅବଦୁଲ ମନସୁର, ଲିଙ୍ଗରାଜ ତାଣ୍ଡି, ଲକେଶ୍ୱର ସୁନା, ସଂଗ୍ରାମ ତାଣ୍ଡି, ଆକାଶ କୁମ୍ଭାର, ଜିତୁ ରଞ୍ଜନ ନାଏକ, ଜ୍ଞାନ ବିକାଶ ଧରୁଆ, ହାର ପ୍ରସାଦ ଦାସ, ଲୀଳାମ୍ବର ବେହେରା, ଶ୍ରୀକାନ୍ତ ବାରିକ, ସତୀଶ ଶର୍ମା, ଭରତ କାଣ୍ଡ, ହୀରନ ଶର୍ମା ପ୍ରମୁଖ ରକ୍ତଦାନ କରିଥିଲେ। ରକ୍ତଦାତାଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା।

● ବନଦୁର୍ଗା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## କଳା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିଛନ୍ତି ବିସ୍ଥାପିତ

ବଲାଙ୍ଗିର,୧୧।୪(ସମିସ): ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ (ଡ୍ୟାମ୍) ନିକଟ ପଡିଆରେ ୨ୟ ବନଦୁର୍ଗା ମହୋତ୍ସବ ଚାଲିଛି। ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷକ ସଂଘ ସଭାପତି ଜତି ପଧାନ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମଣ ମେହେର, ସୌମେନ୍ଦ୍ର ପରିଛା, କୌସ୍ତୁଭ ସାହୁ, ସଭାପତି ସଂଜୟ ଗଡତ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ। ବିସ୍ଥାପିତ ନରସିଂହ ପଧାନ ଏବଂ ଅତିଥି କଳାକାର ସଙ୍ଗୀତା ଦାସ ଓ ସ୍ୱରୁପା ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟକୃଷ୍ଣ ମିଶ୍ର, କୈଳାଶ ଚନ୍ଦ୍ର ସିଂହଦେଓ, ବିକାଶ ରଞ୍ଜନ ରଥ, ନରେନ୍ଦ୍ର ବିଶି, ବ୍ୟାସଦେବ ବନଛୋର, ପ୍ରମୋଦ ପଟେଲ, ଲମ୍ବୋଦର ପଟେଲ ପ୍ରମୁଖ ପରି.ଳନା କରିଥିଲେ।



## ଓଡ଼ିଆ ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନାଚକ୍ର

ବଲାଙ୍ଗିର,୧୧।୪(ସମିସ): ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ଜୀବନୀ ଓ ସୃଷ୍ଟିସମ୍ଭାର ସଂପର୍କରେ ଏକ ଆଲୋଚନା ଚକ୍ର ଏବଂ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ସଭାପତିତ୍ୱ କରିବା ସହ ଓଡ଼ିଆ ଜାତିର ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କବି ଡକ୍ଟର ପ୍ରହଲ୍ଲାଦ ଶତପଥୀ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଓଡ଼ିଶାର ବରପୁତ୍ରଙ୍କ ଜୀବନ ସଂଗ୍ରାମ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କର ନିଜସ୍ୱ ସୃଜନ ଯାତ୍ରା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଲେଖକ ତଥା ସାରସ୍ୱତ ସଂଗଠକ ରାଜେଶ ଝାଙ୍କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଆ ଜାତିର ବରପୁତ୍ରମାନଙ୍କ ବିଚାରର ପ୍ରାସଙ୍ଗିକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଶ୍ରୀକାନ୍ତ ବାରିକ ମଞ୍ଚ ପରିଚାଳନା କରିବା ସହ ଓଡ଼ିଆ ପକ୍ଷ ପାଳନର ମହତ୍ୱ, ଆଭିଲକ୍ଷ୍ୟ ଏବଂ ଓଡ଼ିଆ ଜାତିର ଯୁଗଜନ୍ମା ବରପୁତ୍ରମାନଙ୍କ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋଚନା କରିଥିଲେ। ଯଥାକ୍ରମେ ଅଧ୍ୟାପକ ହୃଷୀକେଶ ଦାସ ଓଡ଼ିଆ ଜାତୀୟତା ଓ ଉତ୍କଳ ଗୌରବ ମଧୁସୂଦନ ଦାସ, ଅଧ୍ୟାପକ ଡକ୍ଟର ଅଶୋକ ମହାରଣା ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଅଧ୍ୟାପିକା ରମଣୀ ନାଏକ ଜାତୀୟତାବାଦୀ ଓଡ଼ିଆ କବିତା ସଂପର୍କରେ ଆଲୋଚନା କରିଥିଲେ। ଶେଷରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁମନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



## ସିଏମ୍ ଟ୍ରଫି-୨୦୨୬ ଖୋ-ଖୋ ଉଦ୍‌ଘାଟିତ

ବଲାଙ୍ଗିର,୧୧।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ୍-୨୦୨୬ ଉଦ୍‌ଘାଟିତ ହୋଇଛି। ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖୋ-ଖୋ ଖେଳରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ ଓଡ଼ିଶା କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, କାଉନସିଲର ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, ଫୁଟବଲ ସଂପାଦକ ଶରତ ନନ୍ଦ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଡ. ସିଦ୍ଧେଶ୍ୱର ମିଶ୍ର, କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ, ଯୋଗ ଦେଇଥିଲେ। ଖୋ-ଖୋ, କବାଡ଼ି ଓ କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଛାତ୍ରୀ ଖୋ-ଖୋ ଦଳରେ ବଲାଙ୍ଗିର ପାଟଣାଗଡ଼, ଲୋଇସିଂହା, ଆଗଲପୁର, ପୁଇଁନ୍ତଲା (କ) ଓ ପୁଇଁନ୍ତଲା (ଖ) ଯୋଗ ଦେଇଥିଲେ। ଲୋଇସିଂହା ଓ ପୁଇଁନ୍ତଲା (କ) ଦଳ ଫାଇନାଲକୁ ପ୍ରବେଶ କରିଛି। ସେହିପରି ଖୋ-ଖୋ ଛାତ୍ର ଦଳରେ ବଲାଙ୍ଗିର (କ), ବଲାଙ୍ଗିର (ଖ), ପାଟଣାଗଡ଼ (କ), ପାଟଣାଗଡ଼ (ଖ), ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ଲୋଇସିଂହା, ଆଗଲପୁର, ଟିଟିଲାଗଡ଼ ଓ ବଙ୍ଗୋମୁଣ୍ଡା ଯୋଗ ଦେଇଥିଲେ। ବଲାଙ୍ଗିର (କ) ଓ ଲୋଇସିଂହା ଦଳ ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଚନ୍ଦ୍ରଶେଖର ମେହେର, ସନ୍ତୋଷ ମେହେର, ବିକାଶ ଦାଶ, ପ୍ରଦ୍ୟୁମ୍ନ ରାଉତ, ଆରତୀ ସାହୁ, ନିତେଶ ଭୋଇ, ବୁଦ୍ଧିରାଜ ବିଶ୍ୱାଳ, ଅଭୟ କୁମାର ପଧାନ, ଜନାର୍ଦ୍ଦନ ସାହୁ, ସସ୍ମିତାରାଣୀ ମିଶ୍ର, ମାଧୁରୀ ପଣ୍ଡା, ସୁଶାନ୍ତ ନାଗ ଓ ସୁଦର୍ଶନ ସେଠ ପରି.ଳନା କରିଥିଲେ।



### ସିଏମ୍ ଟ୍ରଫି ଫୁଟ୍‌ବଲ୍ ଚାମ୍ପିଅନସିପ୍

## ଟିଟିଲାଗଡ଼ ଏଫ୍‌ସିର ଡବଲ ବିଜୟ

ବଲାଙ୍ଗିର,୧୧।୪(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିୟନସିପ୍-୨୦୨୬ ଦ୍ୱିତୀୟ ସଂସ୍କରଣରେ ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ସକାଳ ଖେଳରେ ଟିଟିଲାଗଡ଼ ଏଫ୍‌ସି ଛାତ୍ରୀ ଦଳ ୫-୦ ଗୋଲରେ ବଙ୍ଗୋମୁଣ୍ଡା ଏଫ୍‌ସି ଛାତ୍ରୀଦଳକୁ ହରାଇ ବିଜୟୀ ହୋଇଛି। ସେହିପରି ଅପରାହ୍ନ ଖେଳ ବାଳକ ବର୍ଗରେ ହୋଇଥିଲା। ଟିଟିଲାଗଡ଼ ଏଫ୍‌ସି ୧୨-୦ ଗୋଲରେ ପୁଇଁନ୍ତଲା ଏଫ୍‌ସିକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣଣ ପୂଜାରୀ, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂହ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର, କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ଅମାତ, ଭଲିବଲ ସଂପାଦକ ସଂଗ୍ରାମ କେଶରୀ ବହିଦାର, ସଦସ୍ୟ କୈଳାସ ଚନ୍ଦ୍ର କର୍ତି, ସୁଧାଂଶୁ ସେଠ ଓ କ୍ରୀଡ଼ାବିତ ଶ୍ରୀକାନ୍ତ ରାଉତ ଯୋଗ ଦେଇଥିଲେ। ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଫୁଟବଲ ସଂପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଖେଳକୁ ଦେବାଶିଷ ବାଗ, ମଳୟଘିଭେଲା, ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ସୁଦର୍ଶନ ସେଠ, ଯଶୋବନ୍ତ ମାଝୀ, ଗୌରହରି ପୁଟେଲ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ।



## ଜାତୀୟ ସେଭେନ ବ୍ଲକ୍ ଖୋ-ଖୋ ରେଫରୀ ପରୀକ୍ଷା ଶିବିର ଉଦ୍‌ଘାଟିତ

କଣ୍ଟାବାଞ୍ଜି,୧୧।୪(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିଠାରେ ସେଭେନ ବ୍ଲକ୍ ଖୋ-ଖୋ ଆସୋସିଏସନ ଇଣ୍ଡିଆ ପକ୍ଷରୁ ଦୁଇ ଦିନିଆ ଜାତୀୟସ୍ତରୀୟ ରେଫରୀ ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ଶୃଙ୍ଖଳା ଓ ଠିକ୍ ନିର୍ଣ୍ଣୟ ନେବାରେ ରେଫରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ଶ୍ରୀ ବାଗ ଅଭିଭାଷଣରେ କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସଞ୍ଜୟ ଗାନ୍ଧୀ, ମନୋଜ ଡାଲମିଆ, ସେଭେନ ବ୍ଲକ୍ ଖୋ-ଖୋ ରାଜ୍ୟ ସମ୍ପାଦକ ବିଜୟ ମହାପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ଶୁଭେନ୍ଦ୍ର ମହାନ୍ତି, ଅଧ୍ୟାପକ ଚିନ୍ମୟ ଯୋଷୀ, ଖୋ-ଖୋ କୋଚ୍ ପଦ୍ମଚରଣ ଦାସ, ଅଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ବିନୋଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପାଣିଗ୍ରାହୀ, ମନୋଜ ମହାପାତ୍ର, ରାଜେନ୍ଦ୍ର ଧରୁଆ, କୃଷ୍ଣଚନ୍ଦ୍ର ବାରିକ, ସିକ୍କର ଆଲୋକ ଦାସ, ନିକିତା ସେଠ, ଡୋଲେଶ୍ୱରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶୃଙ୍ଖଳା ଓ ନିର୍ଣ୍ଣୟ ନେବାରେ ରେଫରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



# ବାଘ ଷ୍ଟେସନ ପାଇଁ ଅଶ୍ୱିନୀଙ୍କୁ ସଙ୍ଗୀତାଙ୍କ ଚିଠି

ଶଗଡା,୧୧।୪(ସମିସ)

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କନ୍ଧୁରିଆପଡ଼ା ଗ୍ରାମ ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ବାଘ ନଦୀ ନିକଟରେ ବାଘ ରେଳ ଷ୍ଟେସନ୍ ସ୍ଥାପନ ଦାବି ଦିନକୁ ଦିନ ଘନେଇବାରେ ଲାଗିଛି। ରେଳ ଷ୍ଟେସନ୍ ସଂଗ୍ରାମ ସମିତି ବୌଦ୍ଧ ଜିଲ୍ଲାପାଳଙ୍କ ସମେତ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟସଚେତକ ସରୋଜ ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଭୁବନେଶ୍ୱର ରେଳ ଭବନଠାରେ ପୂର୍ବତଟ ରେଳ ଜିଏମଙ୍କୁ ଭେଟି ପୂର୍ବରୁ ଏ ସମ୍ପର୍କରେ ଦାବିପତ୍ର ଦେଇଛି।

ସେହିଭଳି ସମିତିର ୮ ଜଣିଆ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶେଷରେ ସାଂସଦ ସିଂଦେଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସଂଗ୍ରାମ ସମିତିର ଓମପ୍ରକାଶ ମିଶ୍ର, ଖଲିଆପାଲି ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ମେହେର, ଦେବରାଜ ଭୋଇ, ଉପ ସଭାପତି ନକୁଳ ପ୍ରଧାନ, ଆହାଲ୍ଲାଦ ଖମାରୀ, ଧନଞ୍ଜୟ ଖମାରୀ, ମାନସ ମହାକୁଲ, ରଞ୍ଜନ ମହାକୁଳ ପ୍ରମୁଖ ସାମିଲ୍ ହୋଇଥିଲେ। ସୂଚନା ଅନୁଯାୟୀ ଖୋର୍ଦ୍ଧା ବଲାଙ୍ଗୀର ରେଳ ଲାଇନର ମନୁପାଲି ପଞ୍ଚାୟତହ କନ୍ଧୁରିଆପଡ଼ାରେ ଏକ ରେଳ ଷ୍ଟେସନ୍ କରିବା ପାଇଁ ପୂର୍ବରୁ ପ୍ରାୟ ୭୪ ଏକର ଜମି ଅଧିଗ୍ରହଣ ସରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ପର୍ଯ୍ୟନ୍ତ ରେଳ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ରେଳ ଷ୍ଟେସନ୍ ନିର୍ମାଣ ହୋଇପାରିନାହିଁ। ଏହି ସ୍ଥାନରେ ରେଳ ଷ୍ଟେସନ୍ ସ୍ଥାପନ ହେଲେ ଆଖପାଖ ଅଞ୍ଚଳର ପ୍ରାୟ ୧୧ଟି ପଞ୍ଚାୟତବାସିଙ୍କ ସମେତ ନିକଟସ୍ଥ ସୋନପୁର ଜିଲ୍ଲାର ବୀରମହାରାଜପୁର ଉପଖଣ୍ଡର ଜନସାଧାରଣ ଉପକୃତ ହୋଇପାରିବେ। ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ନିକଟରେ ଏକ ରେଳ ଷ୍ଟେସନ ସ୍ଥାପନ ପାଇଁ ଦାବି ହୋଇ ଆସୁଛି। ଏହି ଜାଗାରେ କନ୍ଧରିଆପଡ଼ା ଷ୍ଟେସନ ନିର୍ମାଣ କରାଯିବା ପାଇଁ ଡିପିଆର ପ୍ରସ୍ତୁତ କରାଯାଇଛି। ପ୍ରସ୍ତାବିତ ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ସ୍ଥାନ ମଧ୍ୟ ପାଇଥିଲା। ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ଅନେକ ଜମି ଅଧିଗ୍ରହଣ ମଧ୍ୟ କରାଯାଇଥିଲା।

ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ କିନ୍ତୁ ଷ୍ଟେସନ କରାଯାଇ ନାହିଁ। ସେଠାରେ ଷ୍ଟେସନ କରା ନ ଯାଇ ଜାତୀୟ ରାଜପଥ ୫୭ରୁ ବହୁ ଦୂରରେ ଝାରମୁଣ୍ଡାଠାରେ ଏକ ଷ୍ଟେସନ କରାଯାଇଛି; ଯେଉଁଠିକୁ ଗମନାଗମନର ସୁବିଧା ମଧ୍ୟ ନାହିଁ। ପୂର୍ବ ପ୍ରସ୍ତାବିତ ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ ଜାତୀୟ ରାଜପଥରୁ ମାତ୍ର ଅଳ୍ପ ଦୂର ଓ ବ୍ୟବସାୟ କେନ୍ଦ୍ର ବାଉଁଶୁଣିରୁ ମଧ୍ୟ କମ୍ ଦୂର ହେବ। ସେଠାରେ ଷ୍ଟେସନ ହେଲେ ଜିଲ୍ଲାର ବୌଦ୍ଧ ଜିଲ୍ଲା ବାଉଁଶୁଣି, ମନୁପାଲି, ଖଲିଆପାଲି (ପୁରୁମୁଣ୍ଡା), ରକ୍ସା, କସୁରବନ୍ଧ, ଗୁନ୍ଦୁଲିଆ, ଗୋଛାପଡା, ତାଳସରଡ଼ା, ଶଗଡ଼ା, ବରଗୋଛା, ଅଁଳାପାଲି ଆଦି ପଞ୍ଚାୟତର ହଜାର ହଜାର ଲୋକଙ୍କ ସହ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜ ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ସ୍ଥାନକୁ ଗମନାଗମନର ବ୍ୟାପକ ସୁବିଧା ରହିଛି; ହେଲେ କେଉଁ କାରଣରୁ ବର୍ତ୍ତମାନ ସୁଦ୍ଧା ଷ୍ଟେସନ ନିର୍ମାଣ କରାଯାଇ ନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।



ବୌଦ୍ଧ ରାମଲୀଳାରେ ନାଟକ ନରାନ୍ତକ ବଧ ମଞ୍ଚସ୍ଥ

## ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଆଥଲେଟିକ୍ସ




ତରଭା,୧୧।୪(ସମିସ): ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଆଥଲେଟିକ୍ସ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ଜିଲ୍ଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିସହ ୧୬ ତାରିଖରେ ଖୋଖୋ ଏବଂ ୧୭ ତାରିଖରେ ଭଲିବଲ ଖେଳ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

## ଯୋଗ ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର

ବୀରମହାରାଜପୁର,୧୦।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମିତ୍ରି ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜୀବନରେ ଯୋଗର ଆବଶ୍ୟକତା ତଥା ଶିକ୍ଷା ଓ ସମାଜରେ ଯୋଗର ବିଶେଷ ଭୂମିକା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ଅନ୍ୟତମ ଶିକ୍ଷକ କେଶବ ନାୟକ ଯୋଗ ଅବାଳ ବୃଦ୍ଧବନିତା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଯୋଗ ଶିକ୍ଷକ ଦିନେଶ ବିଶ୍ୱାଳ ଛାତ୍ରଛାତ୍ରୀ, ଶିକ୍ଷକଙ୍କୁ ସୂକ୍ଷ୍ମ ବ୍ୟାୟାମ, ଆସନ ତଥା ପ୍ରାଣାୟମର ଅଭ୍ୟାସ କରାଇଥିଲେ। ଶିକ୍ଷକ ସହଦେବ ମେହେର ଧନ୍ୟବାଦ୍ ଦେବା ସହ ସବୁ ଦିନ ଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ବାଲ୍ୟ ବିବାହର କୁପରିଣାମ ନେଇ ସଚେତନତା

ବୌଦ୍ଧ,୧୦।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାମଣ୍ଡା ପଞ୍ଚାୟତରେ ବଣିନାଳି ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଏକପଡା ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ। ବାଲ୍ୟ ବିବାହର କୁପରିଣାମ, ଆଇନ, ଦଣ୍ଡବିଧାନ ଓ ଏହାକୁ କିପରି ରୋକଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

## ଜ୍ୟୋତିବାରାଓ ଫୁଲେଙ୍କ ୨୦୦ ତମ ଜୟନ୍ତୀ



ଡୁଙ୍ଗୁରିପାଲି,୧୧।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ଜ୍ୟୋତିବାରାଓ ଫୁଲେଙ୍କ ୨୦୦ ତମ ଜୟନ୍ତୀ ପାଳିତ ହୋଇଛି। ଡୁଙ୍ଗୁରିପାଲି ବ୍ଲକର ଅନୁସୂଚିତ ଜାତି କଲ୍ୟାଣ ସଂଘର ସଭାପତି ସୁରୁବାବୁ ନନ୍ଦଙ୍କ ସଭାପତିତ୍ୱରେ ଏହି ଜୟନ୍ତୀ ପାଳିତ ହୋଇଛି। ଏଥିରେ ଡୁଙ୍ଗୁରିପାଲି ବ୍ଲକର ଅନୁସୂଚିତ ଜନଜାତିର ସଭାପତି ଶ୍ୟାମସୁନ୍ଦର ଭୋଇ, ସୁବର୍ଣ୍ଣପୁର ଜିଲ୍ଲା ବାମସେଫ ସଂଯୋଜକ ଖଗେଶ୍ୱର କୁମ୍ଭାର, ଡୁଙ୍ଗୁରିପାଲି ବ୍ଲକ୍ ଏସସି/ଏସଟି ସମନ୍ୱୟ ସମିତି କଲ୍ୟାଣ ସଂଘର ସମ୍ପାଦକ ପ୍ରକାଶ କୁମ୍ଭାର, ଡୁଙ୍ଗୁରିପାଲି ବ୍ଲକର ଲକ୍ଷେ ଘର ଗଣ୍ଡା ସମାଜର କୃଷ୍ଣଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ବ୍ଲକ ଓବିସି ସମାଜର ସୁରେଶ ପଧାନ, ଡୁଙ୍ଗୁରିପାଲି ବ୍ଲକ୍ ସଂଖ୍ୟାଲଘୁ ସମାଜର ସଭ୍ୟ ସାନନ୍ଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଉପେନ୍ଦ୍ର କୁମ୍ଭାର, ରାଜକିଶୋର ତାଣ୍ଡି, ରିଙ୍କୁ ବାଗ, ଶେଖର ସୁମନ ବାଗ, ସୁନୀଲ କୁମ୍ଭାର, ଅନିଲ କୁମ୍ଭାର, ରାକେଶ ରାଏ ପ୍ରମୁଖ ସହଯୋଗ କରିଥିଲେ।

## ୧୦ ବର୍ଷ ହେଲା ସାଇକଲରେ ବୁଲି ପ୍ରଚାର କରୁଛନ୍ତି ଗାନ୍ଧୀ ବାର୍ତ୍ତା



ବୌଦ୍ଧ,୧୧।୪(ସମିସ): ଅନଗୁଳ ଜିଲ୍ଲା କିଆକଟା ଥାନା ଗୌତମପୁର ଗ୍ରାମର ବର୍ଷିଆନ ନାଗରିକ ଗଙ୍ଗାଧର ଦନ୍ତା ୧୦ ବର୍ଷ ହେଲା ସାଇକଲରେ ବୁଲୁଛନ୍ତି। ୨୦୧୬ ଅକ୍ଟୋବର ୨୮ରୁ ସେ ଗାଆଁ ଗାଆଁ ବୁଲି ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରୁଛନ୍ତି। ଅହିଂସାର ବାର୍ତ୍ତା ପ୍ରଚାର ସହ ସ୍ୱଦେଶୀ ଜାଗରଣ, ସ୍ୱଚ୍ଛତା ଓ ଗ୍ରାମାଞ୍ଚଳରେ ସାପ୍ତାହିକ ହାଟ ପ୍ରତିଷ୍ଠା କରି ସ୍ଥାନୀୟ ଉତ୍ପାଦିତ ସାମଗ୍ରୀ କ୍ରୟ ବିକ୍ରୟ କରି ଗ୍ରାମ ସ୍ୱରାଜର ବାର୍ତ୍ତା ଦେଉଛନ୍ତି।

## ଦାଦନ ଯାଇଥିବା ଯୁବକଙ୍କ ମୃତଦେହ ଫେରିଲା

ଭୁବନେଶ୍ୱର,୧୧।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ଗଡ଼ଭିତର ପଡ଼ାର ଚିତାନନ୍ଦ ବାରିକଙ୍କ ଶବ ଫେରିଛି। ସେ ତାମିଲନାଡୁ ରାଜ୍ୟର ତିରପୁର ଜିଲ୍ଲା ଲିଙ୍ଗପାଲିୟନ ଗାଁ ନିକଟରେ ଥିବା ଏସିଏମ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୫ ତାରିଖ ରାତିରେ କାମ ସାରି ଚିତାନନ୍ଦ ରାସ୍ତା ପାର ହେଉଥିଲେ। ଏହି ସମୟରେ ଏକ କାର୍ ଧକ୍କାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇବା ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ଘରକୁ ଆଣିବା ପାଇଁ ଚିନ୍ତାରେ ପଡି ଯାଇଥିଲେ। ଜିଲ୍ଲା ପ୍ରଶାସନ ଓ ବିରମହାରାଜପୁର ବିଧାୟକଙ୍କ ସହଯୋଗରେ ତାଙ୍କ ଶବ ତାମିଲନାଡୁରୁ ଘରକୁ ଫେରିଛିଯେଉ। ମା' ଓ ପରିବାର ଲୋକେ ପୁଅକୁ ହରାଇ ବାହୁନି ବାହୁନି କାନ୍ଦୁଛନ୍ତି।ମୃତଦେହ ତାମିଲନାଡୁରୁ ଆମ୍ବୁଲାନ୍ସରେ ଆଣିବା ପରେ ମହାନଦୀ ପୋଲ ନିକଟରେ ଥିବା ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ୧୫ରେ 'ଭୁବନେଶ୍ୱର ଚାଲ' ଡାକରା

କଣ୍ଟାବାଞ୍ଜି,୧୧।୪(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଓଡ଼ିଶା ଜନତା କଂଗ୍ରେସ ଭୁବନେଶ୍ୱର ଚାଲ ଡାକରା ଦେଇଛି। ଏକ ଖବରଦାତା ସମ୍ମିଳନୀରେ ଓଡିଶା ଜନତା କଂଗ୍ରେସ ବଲାଙ୍ଗିର ଜିଲ୍ଲା ସଂଯୋଜକ ରୁପେଶ ବେହାରା କହିଛନ୍ତି ଯେ, କଯକର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏକ ନୂଆ ରାଜନୈତିକ ଦଳ ଆଗାମୀ ୧୫ତାରିଖରେ ଭୁବନେଶ୍ୱରରେ ଗଠନ ହେବ। ଏଥିପାଇଁ ବିଶାଳ ସମାବେଶ କରାଯିବ। ଏଥିରେ ହଜାର ହଜାର ଲୋକ ସାମିଲ ହେବେ। ବଲାଙ୍ଗୀର ଅଞ୍ଚଳରୁ ଅନେକ ଲୋକ ସାମିଲ ହେବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବଡବାଙ୍କିର ପୂର୍ବତନ ସରପଞ୍ଚ ଗୁପ୍ତେଶ୍ୱର ବେହେରା, ଅରୁଣ ତାଣ୍ଡିଙ୍କ ସହ ଅନେକ ସମର୍ଥକ ସାମିଲ ହୋଇ ଦଳକୁ ମଜବୁତ କରିବା ନେଇ ଆଲୋଚନା କରିଥିଲେ।



## ରାବଣ ବଧ ସହ ଗୋବିନ୍ଦପୁର ରାମଲୀଳା ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ବୌଦ୍ଧ,୧୧।୪(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଗୋବିନ୍ଦପୁର ଶ୍ରୀ ଶ୍ରୀ ରାମଲୀଳା ଜିଉ ନାଟ୍ୟ ସଂସଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ନାଟ୍ୟ ମହୋତ୍ସବ ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ରାମଲୀଳା ନାଟ୍ୟ ମହୋତ୍ସବରେ ବିଭିନ୍ନ ଦିନରେ ନାଟକ ରାମ ଜନ୍ମ, ସୀତା ସ୍ୱୟମ୍ବର, ରାମ ବନବାସ, ଭରତ ମିଳନ, ସୀତା ଚୋରି, ବାଳି ବଧ, ଲଙ୍କା ପୋଡ଼ି, କୁମ୍ଭକର୍ଣ୍ଣ ବଧ, ମହିରାବଣ ବଧ ମଞ୍ଚସ୍ଥ ହୋଇଥିଲା। ରାମ ଭୂମିକାରେ କୌଶିକ ନାଏକ, ଲକ୍ଷ୍ମଣ ଭାବେ ବିଜୟ ପ୍ରଧାନ, ସୀତା ଭାବେ ଦୀପକ ନାଏକ, ରାବଣ ଭାବେ ଜୟକୃଷ୍ଣ ମହାକୁଡ ଅଭିନୟ କରିଥିଲେ। ସେହିଭଳି ବିଦ୍ୟାବନ୍ତ ପ୍ରଧାନ, ସୁରଥ ପାତ୍ର, ତପନ ମହାକୁଡ, ହନୁମାନ ଭାବେ ଯଶୋବନ୍ତ ପ୍ରଧାନ, ଅଙ୍ଗଦ ଭାବେ ଆର୍ତ୍ତତ୍ରାଣ ତରିଆ, ବିଭୀଷଣ ଭାବେ ଅରୂପା ନାଏକ, ସୁଗ୍ରୀବ ଭାବେ ଲିଙ୍ଗରାଜ ମାତଳି, ଶୁଭମ ପ୍ରଧାନ, ବ୍ରହ୍ମା ଭାବେ ପାବନ ନାଏକ, ମନ୍ଦୋଦରୀ ଭାବେ କୃଷ୍ଣଚନ୍ଦ୍ର କର୍ଣ୍ଣ ପ୍ରମୁଖ ଅଭିନୟ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।



## ରାମଲୀଳା ଯାତ୍ରା ଉଦ୍‌ଯାପନୀ ପ୍ରସ୍ତୁତି



ବୌଦ୍ଧ,୧୧।୪(ସମିସ): ବୌଦ୍ଧ ଶ୍ରୀ ରଘୁନାଥ ମନ୍ଦିର ପରିସର ମାରୁତୀ ମଣ୍ଡପରେ ରାମଲୀଳା ଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ନଦିଆଯାଇଛି। ରାମଲୀଳା ନାଟ୍ୟ ସଂସଦର ସଭାପତି ତଥା ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ରବିବାର ହେବାକୁ ଥିବା ରାବଣ ବଧ ଯାତ୍ରାର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ରବିବାର ସନ୍ଧ୍ୟାରେ ରାବଣ ବଧ ଅବସରରେ ଶ୍ରୀରାମଙ୍କ ସମର ଶୋଭାଯାତ୍ରା ରାମେଶ୍ୱର ମନ୍ଦିରଠାରୁ ବାହାରି ପୁରୁଣା ଡେଲି ମାର୍କେଟ ଜଗନ୍ନାଥ ମନ୍ଦିର ଦେଇ ଷ୍ଟାଡିୟମରେ ପହଞ୍ଚିବ। ରାବଣଙ୍କ ସମର ଶୋଭାଯାତ୍ରା ୧୦ଟି ରାବଣଙ୍କ ସହ ବୁଟୁପାଲି ହାଇସ୍କୁଲ ନିକଟରୁ ବାହାରି ଷ୍ଟାଡିୟମରେ ପହଞ୍ଚିବ। ପ୍ରଥମ ସମର ସହ ଆତସବାଜୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦ୍ୱିତୀୟ ସମର ବସଷ୍ଟାଣ୍ଡ ଓ ତୃତୀୟ ସମର ମନ୍ଦିର ପଡିଆଠାରେ ହେବ। ଚଳିତ ବର୍ଷ ବିଭିନ୍ନ ଜିଲ୍ଲାରୁ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ରାମଲୀଳା ନାଟ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ସମ୍ପାଦକ ମାନସ ମିଶ୍ର ଓ କୋଷାଧକ୍ଷ ପ୍ରମୋଦ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବୌଦ୍ଧ,୧୧।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅନୋଜ ଭୁକ୍ତାଙ୍କ ଆବାହକତ୍ୱରେ ଆୟୋଜିତ ରକ୍ତଦାନ ଶିବିରକୁ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ସମୀର ମେହେର ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିବଦତ୍ତ ପୁରୋହିତ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରକୁ ଯୁବ ବିଜେପି ନେତା ଓମ୍ ପ୍ରକାଶ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଉଚ୍ଚ ବିଦ୍ୟାଳୟର ଜୁନିଅର୍ ରେଡକ୍ରସ୍ ପରାମର୍ଶଦାତା ବନମାଳୀ ମେହେର ଓ ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର୍ ରେଡକ୍ରସ୍ ପରାମର୍ଶଦାତା ବାନ୍ଧବ ନାଏକ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅରୁଣ ପ୍ରଧାନ ଯୋଗ ଦେଇଥିଲେ। ବୁର୍ଲା ଭିମସାର ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ପ୍ରିୟତୋଷ ସାହୁ, ଦେବାଶିଷ ମିଶ୍ର, ସନ୍ତୋଷ ଟାଡା, ସୂର୍ଯ୍ୟନାରାୟଣ ବେହେରା, ବିନୋଦ ବେହେରା, ସ୍ମୃତି ପଟ୍ଟନାୟକ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୌଲସ୍ତି ପ୍ରଧାନ, ନିର୍ମଳା ଭୋଇ, ପ୍ରୀତିସ୍ମିତି ମିଶ୍ର, ସୁନୀଲ ହରିପାଳ, ସୁଶ୍ରୀ ଅମ୍ରିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ସିଏମ୍ ଟ୍ରଫି ଦ୍ୱିତୀୟ ଦିବସ

ବୌଦ୍ଧ,୧୧।୪(ସମିସ): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ବୌଦ୍ଧ ଜିଲ୍ଲା କ୍ରୀଡା ସଙ୍ଘ ତଥା ଜିଲ୍ଲା ପ୍ରଶାସନ ଦ୍ୱାରା ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ସିଏମ ଟ୍ରଫି ଚାଲଇଛି। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବୌଦ୍ଧ ମୁନସିପାଲିଟି ବି ଏବଂ ବୌଦ୍ଧ ବ୍ଲକ ବି ମଧ୍ୟରେ ବାଳକ ବିଭାଗ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ବୌଦ୍ଧ ବ୍ଲକ ବି ୮-୦ ଗୋଲରେ ବିଜୟୀ ହୋଇଛି। ସେହିଭଳି ବୌଦ୍ଧ ମୁନସିପାଲିଟି ଏବଂ ବୌଦ୍ଧ ବ୍ଲକ ମଧ୍ୟରେ ବାଳିକା ବିଭାଗ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ବ୍ଲକ ୨-୦ ଗୋଲରେ ବିଜୟୀ ହୋଇଛି। ଅନ୍ୟପକ୍ଷେ ଉଭୟ ବାଳକ ଏବଂ ବାଳିକା ବିଭାଗ କବାଡି ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଥଲା। ବାଳକ ବିଭାଗରେ ପୁରୁଣାକଟକ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ବିଭାଗରେ ହରଭଙ୍ଗା ବ୍ଲକ୍ ଚାମ୍ପିଅନ ହୋଇଛି।

## କୋଟସମଲାଇରେ ଇନ୍ଦ୍ରଜିତ ବଧ

ବୀରମହାରାଜପୁର,୧୧।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍‌ର କୋଟସମଲାଇ ରଘୁନାଥ ମନ୍ଦିର ନିକଟରେ ୭୫ତମ ରାମଲୀଳା ଉତ୍ସବ ଚାଲିଛି। ଏହି ଅବସରରେ "ଇନ୍ଦ୍ରଜିତ ବଧ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ଭାବେ ନରେନ୍ଦ୍ର ବାଘ, ହନୁମାନ ଭାବେ ଶରଦ କର୍ଣ୍ଣ, ବିଭୀଷଣ ଭାବେ ସୁବାଷ ବନଛୋର, ସୁଗ୍ରୀବ ଭାବେ କିଶୋର ପଧାନ, ଅଙ୍ଗଦ ଭାବେ ଅନାଦି ବସ୍ତିଆ, ରାବଣ ଭାବେ ଦିଗାମ୍ବର ଚୌଧୁରୀ, ଇନ୍ଦ୍ରଜିତ ଭାବେ ଚକ୍ରପାଣି ମେଣ୍ଡିଲିଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବିଭୀଷଣ ସେଠୀ, ବୀରମିତ୍ର ପଧାନ, ପୂଜକ ସରୋଜ ପୂଜାହାରୀ, ହୃଷିକେଶ ପଧାନ, ରଘୁନାଥ ବାରକୁଟିଆ, ପରେଶ ବାଘ, ବୁଦ୍ଧଦେବ ମେଣ୍ଡିଲି, ହର ପ୍ରସାଦ କର୍ମୀ, ଅନିରୁଦ୍ଧ ଗଡୁଆ, ସଞ୍ଜୀବ ପଧାନ, ଦଶରଥ ମେଣ୍ଡିଲି, ଜନ୍ମ ବାରକୁଟିଆ, ବୃଷଭ କର୍ଣ୍ଣ, ଲକ୍ଷ୍ମଣ ସାହୁ, ଲକ୍ଷିନ୍ଦ୍ର ବସ୍ତିଆ ପ୍ରମୁଖ ସହଯୋଗ କରୁଛନ୍ତି।

## ହନୁମାନ, ଆମ୍ବେଦକର ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକ

ତରଭା,୧୧।୪(ସମିସ): ତରଭାରେ ୧୪ ତାରିଖ ମହାବୀର ହନୁମାନ ଓ ଡ. ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହେବ। ଶାନ୍ତି ଶୃଙ୍ଖଳାର ସହ ଏହି ଜୟନ୍ତୀ ପାଳନ କରାଯିବାକୁ ତରଭା ପୁଲିସ ତରଫରୁ ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଏସ୍‌ଡିପିଓ କଲ୍ୟାଣୀ ବେହେରା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବଜରଙ୍ଗ ଦଳ, ଭିମ୍ ଆର୍ମି ସଂଗଠନର କର୍ମକର୍ତ୍ତାଙ୍କ ସହ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ ଟାରେ ଭୀମଆର୍ମି ତରଫରୁ ଅନ୍ତର୍ଡା କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରାରେ ବାହାରିବ। ତରଭା ନଗର ପରିକ୍ରମା ପରେ ବ୍ଲକ୍ ଛକରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିଭଳି ତରଭା ଥାନା ଚାରଭଟ୍ଟାରେ ମଧ୍ୟ ବାବାସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଭୀମଆର୍ମି ତରଫରୁ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ବଜରଙ୍ଗ ଦଳ ତରଫରୁ ନୂଆଁପଡା ହନୁମାନ ମନ୍ଦିର ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରା ବାହାରିବ। ନୂଆପଡା, ଦୁର୍ଗା ମଣ୍ଡପ ଛକ ମାରୱାପଡା, ରଥପଡା ଦେଇ ଶୋଭାଯାତ୍ରା ମନ୍ଦିରକୁ ଫେରିବ। ଶାନ୍ତି ଶୃଙ୍ଖଳାର ସହ ଜୟନ୍ତୀ ପାଳନ ସକାଶେ ଉଭୟ ପକ୍ଷର ୭ ଜଣ ଲେଖାଏଁଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଛି। ଜୟନ୍ତୀକୁ ଶାନ୍ତି ଶୃଙ୍ଖଳାର ପାଳନ କରିବାକୁ ଆଇଆଇସି ଅନିତା କିଡୋ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।



## ଖବର ପକାଶ ପରେ ଚେତିଲା ଟାଟା ପାୱାର
# ୩ମାସ ପରେ ଲାଗିଲା ଟ୍ରାନ୍ସଫର୍ମର

**ବରିଗୁଭା ଗ୍ରାମବାସୀ ଗରମ ସାଙ୍ଗକୁ ଲୋଭୋଲ୍ଟେଜର ସମ୍ମୁଖୀନ ହେଉଥିଲେ**

ବୌଦ୍ଧ,୧୧।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ବରିଗୁଭା ଗ୍ରାମରେ ୩ମାସ ପରେ ଟ୍ରାନ୍ସଫର୍ମର ଲାଗିଛି। ପୂର୍ବରୁ ଏଠାରେ ଲାଗିଥିବା ୨୫କେଭି ଟ୍ରାନ୍ସଫର୍ମର ଦୀର୍ଘ ୩ମାସ ହେଲା ପୋଡି ଯାଇଥିଲା। ଏ ନେଇ 'ସକାଳ'ରେ ଖବର ପକାଶ ପରେ ଗ୍ରାମରେ ଆଜି ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯାଇଛି। ଏହି ଟ୍ରାନ୍ସଫର୍ମରରୁ ଗ୍ରାମର ୭୦ପରିବାର ଲୋକେ ବିଦ୍ୟୁତ୍ ପାଇଁ ନିର୍ଭର କରୁଥିଲେ। ଏବେ ଜିଲ୍ଲାରେ ପ୍ରବଳ ଖରା ହେଉଥିବାରୁ ବିଦ୍ୟୁତ୍ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ କିଛି ଦିନ ହେବ ଟାଟା ପାୱାର ଗ୍ରାମର ଥିବା ଅନ୍ୟ ଏକ ୧୬କେଭି ଟ୍ରାନ୍ସଫର୍ମରରୁ ୭୦ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେଇ ହାତ ଟେକି ଦେଇଥିଲା। ଏହା ଫଳରେ ଲୋକ ଲୋଭୋଲ୍ଟେଜର ସମ୍ମୁଖୀନ ହେଉଥିଲେ। ଲୋଭୋଲ୍ଟେଜ ଯୋଗୁଁ ବଲବ ଭଲ ଭାବରେ ଜଳୁ ନ ଥିବା ବେଳେ ପଙ୍ଖା, କୁଲର କି ପାଣି ମୋଟର ମଧ୍ୟ ଚାଲୁ ନ ଥିଲା। ଦିନରେ ପ୍ରବଳ ଖରା ସହ ରାତିରେ ଅସହ୍ୟ ଗୁଳୁଗୁଳି ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଥିଲା। ଏ ନେଇ ସକାଳରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ ମିଶ୍ର ଓ ମନଧର କର୍ମୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଏବଂ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଆଜି ବିଭାଗ ପକ୍ଷରୁ ଗ୍ରାମରେ ଟ୍ରାନ୍ସଫର୍ମର ଲଗାଯାଇଛି। ସମସ୍ୟାର ସମାଧାନ ହୋଇଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।



'ସକାଳ' ପ୍ରଭାବ

## ଗଞ୍ଜେଇ କାରବାରରେ ପୁରୁଷ ଓ ମହିଳା ଗିରଫ

ବୌଦ୍ଧ,୧୧।୪(ସମିସ): ବୌଦ୍ଧ ମହାନଦୀ ବ୍ରିଜ ଛକରୁ ୧୨ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ମାମଲାରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ବୌଦ୍ଧ ପୁଲିସ ଗିରଫ କରିଛି। ଏମାନେ ହେଲେ ଉତ୍ତର ପ୍ରଦେଶ ରାଜ୍ୟର ସର୍ବେଶ କୁମାର ଓ ରୀମା ଦେବୀ। ଏମାନେ ଏକ ଘରୋଇ ବସରୁ ବୌଦ୍ଧ ମହାନଦୀ ବ୍ରିଜ ଛକରେ ଓହ୍ଲାଇ ରେଢାଖୋଲ ଆଡକୁ ଯିବା ପାଇଁ ବସ୍ ଅପେକ୍ଷାରେ ଥିଲେ। ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉଭୟଙ୍କ ତଲାସୀ କରିଥିଲା।

